Get Printed Study Notes for UPSC Exam - https://iasexamportal.com/notes

CIVIL SERVICES (MAIN) EXAM-2022

**CRNA–C–ODA**

# ଓଡ଼ିଆ

( ବାଧ୍ୟତାମୂଳକ )

| ନିର୍ଦ୍ଧାରିତ ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 300 |
|---|---|

**ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ**

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରତ୍ୟେକଟି ପ୍ରଶ୍ନ/ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି।

ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ। ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ, ତେବେ ନମ୍ବର କମାଯାଇପାରେ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ।

# ODIA

**( Compulsory )**

| Time Allowed : Three Hours | Maximum Marks : 300 |
|---|---|

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions**

All questions are to be attempted.

The number of marks carried by a question/part is indicated against it.

Answers must be written in ODIA (Odia script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.



Download FREE UPSC E-BOOKS FREE! CLICK HERE

Get Printed Study Notes for UPSC Exam - https://iasexamportal.com/notes

**1.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ *600* ଶବ୍ଦମଧ୍ୟରେ ପ୍ରବନ୍ଧ ଲେଖ : 100

*(a)* ନବୀକରଣକ୍ଷମ ଶକ୍ତି : ସମ୍ଭାବନା ଓ ଆହ୍ୱାନ

*(b)* ଯୋଗାଯୋଗ କ୍ଷେତ୍ରରେ ବିପ୍ଳବର ମହତ୍ତ୍ୱ

*(c)* କ୍ରୀଡ଼ାକ୍ଷେତ୍ରରେ ବ୍ୟବସାୟୀକରଣର ବୃଦ୍ଧି

*(d)* ସ୍ୱାସ୍ଥ୍ୟଉପରେ ଖାଦ୍ୟାଭ୍ୟାସର ପ୍ରଭାବ

**2.** ନିମ୍ନୋକ୍ତ ପରିଚ୍ଛେଦଟିକୁ ପାଠକରି ଏହାର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର : 12×5=60

ଔପନିବେଶିକ ଶାସନ ବହୁ ତଥ୍ୟ ଓ ସୂଚନା ସଂଗ୍ରହ ଉପରେ ଆଧାରିତ ଥିଲା। ଇଂରେଜମାନେ ତାଙ୍କର ବାଣିଜ୍ୟ ବ୍ୟବସାୟ ପରିଚାଳନା କରିବା ନିମନ୍ତେ ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ତଥ୍ୟର ବିଶଦ ବିବରଣୀ ରଖୁଥିଲେ। କ୍ରମବର୍ଦ୍ଧିଷ୍ଣୁ ସହରର ଜୀବନଧାରା ଓ ଦିଗ ପ୍ରତି ଦୃଷ୍ଟି ଦେଇ ସେମାନେ ନିୟମିତ ସର୍ବେକ୍ଷଣ କରୁଥିଲେ, ପରିସଂଖ୍ୟାନଗତ ତଥ୍ୟ ଏକତ୍ର କରିବା ସହିତ ବିଭିନ୍ନ ପ୍ରକାରର ସରକାରୀ ବିବରଣୀ ପ୍ରକାଶ କରୁଥିଲେ।

ଆରମ୍ଭ ଦିନରୁ ଔପନିବେଶିକ ସରକାର ମାନଚିତ୍ର ପ୍ରସ୍ତୁତି ଉପରେ ଧ୍ୟାନ ଦେଇଥିଲେ। ସରକାର ବିଶ୍ୱାସ କରୁଥିଲେ ଯେ, କୌଣସି ସ୍ଥାନର ପ୍ରାକୃତିକ ଗଠନ ଓ ଭୂଦୃଶ୍ୟକୁ ବୁଝିବାପାଇଁ ସେ ସ୍ଥାନର ମାନଚିତ୍ର ଏକାନ୍ତ ଆବଶ୍ୟକ। ଏହି ଜ୍ଞାନ ସାହାଯ୍ୟରେ ସେହି ଅଞ୍ଚଳ ଉପରେ ଅଧିକ ଓ ଉତ୍ତମ ନିୟନ୍ତ୍ରଣ ରଖାଯାଇପାରିବ। ଯେତେବେଳେ ସହର ବୃଦ୍ଧି ପାଇବାକୁ ଲାଗିଲା, ସେତେବେଳେ କେବଳ ତାହାର ବିକାଶ ଯୋଜନା ନିର୍ମାଣ କରିବାପାଇଁ ନୁହେଁ, ବରଂ ବ୍ୟବସାୟର ବିକାଶ ଓ ନିଜ ଶାସନ କ୍ଷମତା ଦୃଢ଼ କରିବା ନିମନ୍ତେ ମଧ୍ୟ ମାନଚିତ୍ର ପ୍ରସ୍ତୁତ କରାଗଲା। ସହରର ମାନଚିତ୍ରରୁ ଆମେ ସେହି ସ୍ଥାନରେ ଥିବା ପାହାଡ଼, ନଦୀ ଓ ଗଛଲତାର ସୂଚନା ପାଉ। ଏ ସମସ୍ତ ତଥ୍ୟ ସୁରକ୍ଷା ନିମନ୍ତେ ଯୋଜନା ପ୍ରସ୍ତୁତ କରିବାରେ ବହୁ ଉପାଦେୟ ହେଲା। ଏତଦ୍‌ବ୍ୟତୀତ ନଦୀଘାଟର ସ୍ଥିତି, ଗୃହର ମାନ ଓ ଘନତା ତଥା ରାସ୍ତାର ଅବସ୍ଥା ଆଦିରୁ ସେ ଅଞ୍ଚଳର ବ୍ୟବସାୟିକ ସମ୍ଭାବନାର ଖବର ନେବା କର ବ୍ୟବସ୍ଥାର ରଣକୌଶଳ ନିର୍ମାଣରେ ଏହା ସହାୟକ ହେଉଥିଲା।

ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରୁ ଇଂରେଜମାନେ ବାର୍ଷିକ ନଗରପାଳିକା କର ଆଦାୟ ମାଧ୍ୟମରେ ସହର ପରିଚାଳନା ନିମନ୍ତେ ଅର୍ଥ ଜମା କରିବା ଆରମ୍ଭ କରିଦେଇଥିଲେ। ସଂଘର୍ଷରୁ ରକ୍ଷା ପାଇବା ପାଇଁ ସେମାନେ କିଛି ଦାୟିତ୍ୱ ନିର୍ବାଚିତ ଭାରତୀୟ ପ୍ରତିନିଧିମାନଙ୍କୁ ବି ପ୍ରଦାନ କରିଥିଲେ। ମହାନଗର ନିଗମ ପରି ସଂସ୍ଥାର ଉଦ୍ଦେଶ୍ୟ ଥିଲା କିଛି ଲୋକ ପ୍ରତିନିଧିଙ୍କ ସାହାଯ୍ୟରେ ସହରରେ ଜଳ ଯୋଗାଣ, ଜଳ ନିଷ୍କାସନ, ରାସ୍ତା ନିର୍ମାଣ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପରି ଅତ୍ୟାବଶ୍ୟକ ପରିସେବା ଯୋଗାଇବା। ଅନ୍ୟପକ୍ଷରେ ମହାନଗର ନିଗମର କାର୍ଯ୍ୟଧାରାରୁ ସୃଷ୍ଟ ନୂତନ ପ୍ରକାରର ରେକର୍ଡ଼ ମହାନଗର ନିଗମ ରେକର୍ଡ଼ ଘରେ ଯତ୍ନର ସହିତ ରଖାଗଲା।

ବିସ୍ତାରିତ ସହର ଉପରେ ଦୃଷ୍ଟି ରଖିବା ନିମନ୍ତେ ନିୟମିତ ଜନଗଣନା କରାଯାଉଥିଲା। ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଭିତରେ ବିଭିନ୍ନ ଅଞ୍ଚଳର କେତେକ କ୍ଷେତ୍ରରେ ସ୍ଥାନୀୟ ଜନଗଣନା ଆରମ୍ଭ ହୋଇଯାଇଥିଲା। ଅଖିଳ ଭାରତୀୟ ଜନଗଣନାର ପ୍ରଥମ ପ୍ରୟାସ 1872ରେ କରାଯାଇଥିଲା। ଏହାପରେ 1881ରେ ଦଶକୀୟ (ପ୍ରତ୍ୟେକ ଦଶ ବର୍ଷରେ ହେଉଥିବା) ଜନଗଣନା ଏକ ନିୟମିତ ବ୍ୟବସ୍ଥାରେ ପରିଣତ ହେଲା। ଭାରତରେ ସହରୀକରଣର ଅଧ୍ୟୟନ ନିମନ୍ତେ ଜନଗଣନାରୁ ଉପଲବ୍ଧ ତଥ୍ୟ ଏକ ବହୁମୂଲ୍ୟ ଉତ୍ସ।

ଆମେ ଯେତେବେଳେ ଏହି ରିପୋର୍ଟ ଦେଖୁଁ, ମନେହୁଏ ଯେ ଆମ ପାଖରେ ଐତିହାସିକ ପରିବର୍ତ୍ତନକୁ ମାପିବା ନିମନ୍ତେ ପ୍ରାମାଣିକ ତଥ୍ୟ ରହିଛି। ରୋଗଜନିତ ମୃତ୍ୟୁର ଅନ୍ତହୀନ ତାଲିକା ବା ବୟସ, ଲିଙ୍ଗ, ଜାତି ଏବଂ ଜୀବିକା ଅନୁସାରେ ପ୍ରସ୍ତୁତ ଜନଗଣନା ବ୍ୟବସ୍ଥାରୁ ପରିସଂଖ୍ୟାନର ଏକ ବିଶାଳ ଭଣ୍ଡାର ମିଳେ; ଯେଉଁଥିରୁ ସଠିକତାର ଭ୍ରମ ସୃଷ୍ଟି ହୁଏ। କିନ୍ତୁ ଐତିହାସିକଙ୍କ ମତରେ ଏହି ପରିସଂଖ୍ୟାନ ଭ୍ରମାତ୍ମକ ହୋଇପାରେ। ଆମେ ଏହି ପରିସଂଖ୍ୟାନକୁ ଉପଯୋଗ କରିବା ପୂର୍ବରୁ ଭଲଭାବରେ ବୁଝିବା ଦରକାର ଯେ, ଏହି ପରିସଂଖ୍ୟାନ କାହାଦ୍ୱାରା ସଂଗୃହୀତ ଏବଂ ଏହାକୁ କାହିଁକି ଓ କେବେ ସଂଗ୍ରହ କରାଯାଇଥିଲା। ଆମର ଏହା ମଧ୍ୟ ଜାଣିବା ଉଚିତ ଯେ, କେଉଁ ବିଷୟକୁ ମାପ କରାଯାଇଥିଲା ଓ କେଉଁ ବିଷୟକୁ ନୁହେଁ।



Download FREE UPSC E-BOOKS FREE! CLICK HERE

Get Printed Study Notes for UPSC Exam - https://iasexamportal.com/notes

ପ୍ରଶ୍ନାବଳୀ :

*(a)* ଔପନିବେଶିକ ଶାସନ ପରିଚାଳନାରେ ପରିସଂଖ୍ୟାନର କି ଗୁରୁତ୍ୱ ରହିଥିଲା ? 12

*(b)* ଔପନିବେଶିକ ଶାସକଙ୍କ ନିମନ୍ତେ ମାନଚିତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ ଥିଲା ? 12

*(c)* ଔପନିବେଶିକ ରେକର୍ଡ଼ ସାହାଯ୍ୟରେ ସହରୀକରଣର ଅଧ୍ୟୟନ କିପରି କରାଯାଇପାରେ ? 12

*(d)* ଐତିହାସିକମାନେ ପରିସଂଖ୍ୟାନକୁ କାହିଁକି ଭ୍ରମାତ୍ମକ ମନେ କରିଛନ୍ତି ? 12

*(e)* ଔପନିବେଶିକ ଶାସକଙ୍କର କର ବ୍ୟବସ୍ଥା ସମ୍ପର୍କିତ ନୀତି କ'ଣ ଥିଲା ? 12

**3.** ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ନିଜ ଭାଷାରେ ଲେଖ। ଏହି ଗଦ୍ୟାଂଶଟିର ଏକ ନାମ ଦେବା ଅନାବଶ୍ୟକ : 60

ସାଧାରଣତଃ 'ବିକାଶ' ଶବ୍ଦ କହିଲେ ନିର୍ଦ୍ଦିଷ୍ଟ ସମାଜର ସ୍ଥିତି ଓ ସେମାନଙ୍କ ଦ୍ୱାରା ଅନୁଭୂତ ପରିବର୍ତ୍ତନର ପ୍ରକ୍ରିୟାକୁ ହିଁ ବୁଝାଏ। ମାନବ ଇତିହାସର ଦୀର୍ଘକାଳ ମଧ୍ୟରେ ସମାଜ ଓ ଏହାର ଜୈବ-ଭୌତିକ ପର୍ଯ୍ୟାବରଣର ନିରନ୍ତର ଅନ୍ତଃ-ପ୍ରକ୍ରିୟା ସମାଜର ସ୍ଥିତି ନିର୍ଦ୍ଧାରଣ କରେ। ସମାଜ କେଉଁ ପ୍ରକାରର ପ୍ରାଦ୍ୟୋଗିକ କୌଶଳ ବିକଶିତ କରିଛି ଏବଂ କେଉଁ ପ୍ରକାର ସଂସ୍ଥାର ପ୍ରତିପୋଷଣ କରିଛି, ତାହା ମାନବ ଓ ପର୍ଯ୍ୟାବରଣ ମଧ୍ୟରେ ଘଟୁଥିବା ପାରସ୍ପରିକ ଅନ୍ତଃ-ପ୍ରକ୍ରିୟା ଉପରେ ନିର୍ଭର କରେ। ପ୍ରାଦ୍ୟୋଗିକ କୌଶଳ ଏବଂ ବିଭିନ୍ନ ସଂସ୍ଥା ମାନବ ପର୍ଯ୍ୟାବରଣ ଅନ୍ତଃ-ପ୍ରକ୍ରିୟାରେ ସହାୟକ ହୋଇଛି ଓ ସେଥିରୁ ଉତ୍ପାଦିତ ତଥ୍ୟ ପ୍ରାଦ୍ୟୋଗିକ କୌଶଳକୁ ଉଚ୍ଚ ସ୍ତରକୁ ନେବା ସହିତ ଅନେକ ସଂସ୍ଥାର ନିର୍ମାଣ ଓ ରୂପାନ୍ତରଣ କରିଛି। ସୁତରାଂ, ବିକାଶ ଏକ ବହୁମାତ୍ରିକ ଧାରଣା ଏବଂ ଅର୍ଥବ୍ୟବସ୍ଥା, ସମାଜ ତଥା ପର୍ଯ୍ୟାବରଣ କ୍ଷେତ୍ରରେ ସକାରାତ୍ମକ ଅପରିବର୍ତ୍ତନୀୟତାର ଦ୍ୟୋତକ।

ବିକାଶର ଧାରଣା ଗତିଶୀଳ ଏବଂ ଏହାର ପ୍ରାବଲ୍ୟ ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଦେଖା ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିକାଶ କହିଲେ ଆର୍ଥିକ ଅଭିବୃଦ୍ଧି, ଯେଉଁଥିରୁ ରାଷ୍ଟ୍ରର ସମସ୍ତ ଉତ୍ପାଦନ, ପ୍ରତ୍ୟେକ ବ୍ୟକ୍ତିର ମୁଣ୍ଡପିଛା ଆୟ ଓ ବ୍ୟୟ ସମୟ ସହିତ ବୃଦ୍ଧି ଅନୁସାରେ ମପାଗଲା। ମାତ୍ର ଅଧିକ ଆର୍ଥିକ ବୃଦ୍ଧି ଘଟିଥିବା ଦେଶରେ ମଧ୍ୟ ଅସମାନ ବଣ୍ଟନ ଯୋଗୁଁ ଦାରିଦ୍ର୍ୟ ସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଲା। ସୁତରାଂ 1970 ଦଶକରେ 'ପୁନର୍ବଣ୍ଟନ ସହିତ ବୃଦ୍ଧି' ତଥା 'ବୃଦ୍ଧି ଓ ସମାନତା' ପରି ବାକ୍ୟାଂଶ ବିକାଶର ପରିଭାଷା ଅନ୍ତର୍ଭୁକ୍ତ ହେଲା। ପୁନର୍ବଣ୍ଟନ ଓ ସମାନତା ପରି ପ୍ରଶ୍ନରୁ ଏହା ବୁଝିହେଲା ଯେ ବିକାଶଗତ ଧାରଣାକୁ କେବଳ ଆର୍ଥିକ କ୍ଷେତ୍ରମଧ୍ୟରେ ସୀମିତ ରଖାଯାଇନପାରେ। ଏଥିରେ ଜନକଲ୍ୟାଣ ଏବଂ ଜୀବନଧାରଣର ମାନ, ଜନସ୍ୱାସ୍ଥ୍ୟ, ଶିକ୍ଷା, ସମାନ ସୁଯୋଗ ସୁବିଧା, ରାଜନୀତିକ ତଥା ନାଗରିକ ଅଧିକାର ସମ୍ବନ୍ଧୀୟ ବିଷୟ ମଧ୍ୟ ଅନ୍ତର୍ଭୁକ୍ତ ହେଲା। 1980 ଦଶକ ମଧ୍ୟରେ ବିକାଶ ଏକ ବହୁମାତ୍ରିକ ଧାରଣା ରୂପରେ ଦୃଶ୍ୟମାନ ହେଲା, ଯେଉଁଥିରେ ସମାଜର ଜନସାଧାରଣଙ୍କ ନିମନ୍ତେ ବୃହତ୍ତର ସ୍ତରରେ ସାମାଜିକ ଓ ଭୌତିକ କଲ୍ୟାଣଯୁକ୍ତ ହେଲା।

1960 ଦଶକର ଶେଷ ଆଡ଼କୁ ପଶ୍ଚିମ ଜଗତରେ ପର୍ଯ୍ୟାବରଣ ସମ୍ପର୍କରେ ସଚେତନତାରେ ସାମାନ୍ୟ ବୃଦ୍ଧି କାରଣରୁ ସ୍ଥାୟୀ ଉନ୍ନୟନ ଧାରଣା ବିକଶିତ ହେଲା। ଏହା ଦ୍ୱାରା ପର୍ଯ୍ୟାବରଣ ଉପରେ ଜନସାଧାରଣଙ୍କ ଶିଳ୍ପ-ବିକାଶର ଅନାକାଂକ୍ଷିତ ପ୍ରଭାବଜନିତ ଚିନ୍ତା ପ୍ରକାଶ ପାଉଥିଲା।

ପର୍ଯ୍ୟାବରଣ ବିଷୟ ଉପରେ ସମଗ୍ର ବିଶ୍ୱରେ ବୃଦ୍ଧି ପାଉଥିବା ଚିନ୍ତାକୁ ଲକ୍ଷ୍ୟ କରି ମିଳିତ ଜାତିସଂଘ 'ବିଶ୍ୱ ପର୍ଯ୍ୟାବରଣ ଓ ବିକାଶ ଆୟୋଗ' (WCED) ସ୍ଥାପନ କଲା, ଯାହାର ମୁଖ୍ୟ ଥିଲେ ନରୱେର ପ୍ରଧାନମନ୍ତ୍ରୀ ଗରୋ ହରଲେମ୍ ବ୍ରଣ୍ଟଲେଣ୍ଡ। ଏହି କମିଶନ


Download FREE UPSC E-BOOKS FREE! CLICK HERE

Get Printed Study Notes for UPSC Exam - https://iasexamportal.com/notes

ନିଜର ରିପୋର୍ଟ 'ଆୱାର କମନ୍ ଫ୍ୟୁଚର୍' ନାମରେ (ଯାହାକୁ ବ୍ରଣ୍ଟଲେଣ୍ଡ ରିପୋର୍ଟ ମଧ୍ୟ କୁହାଯାଏ) 1987ରେ ଦେଲା। WCED ସ୍ଥାୟୀ ଉନ୍ନୟନର ସହଜ, ସରଳ ଏବଂ ବୃହତ୍ତର ସ୍ତରରେ ବ୍ୟବହୃତ ପରିଭାଷା ଦେଲା। ଏହି ରିପୋର୍ଟ ଅନୁସାରେ ସ୍ଥାୟୀ ଉନ୍ନୟନର ଅର୍ଥ ଏହା ଏପରି ଏକ ବିକାଶ, ଯାହା ଭବିଷ୍ୟତ ପିଢିର ଆବଶ୍ୟକତା ମେଣ୍ଟାଇବାରେ ଆଞ୍ଚ ନ ଆଣି ବର୍ତ୍ତମାନ ପିଢିର ଆବଶ୍ୟକତାକୁ ପୂର୍ଣ୍ଣ କରେ।

(*320* ଶବ୍ଦ)

**4.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

ପ୍ରେମଚନ୍ଦ କହିଥିଲେ ଯେ ଗଳ୍ପ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ରହିଛି। କଥା ହେଉଛି ଏହାକୁ ଧରିବା। ଏହାର କାରଣ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ବସ୍ତୁର ନିଜସ୍ୱ ଜୀବନ ଅଛି ଓ ଜଣେ ଅନ୍ୟଠାରୁ ଫରକ୍। ଏହାର ଏକ ଆରମ୍ଭ, ବିକାଶ ଓ ତାପରେ ପରିଣତି ଅଛି। ପ୍ରତ୍ୟେକଙ୍କର କିଛି ନା କିଛି କାହାଣୀ ଅଛି। ଯେପରି ଜଣେ ବ୍ୟକ୍ତିର ଆଉ ଜଣକ ସହିତ ସଂପୂର୍ଣ୍ଣ ମେଳ ନଥାଏ, ସେହିପରି ତା'ର ନିଜ ଜୀବନ-କଥା ମଧ୍ୟ ଅନ୍ୟଠାରୁ ଅଲଗା।

ଏମିତି କୌଣସି ବ୍ୟକ୍ତି ନାହାନ୍ତି, ଯିଏ ନିଜ କାହାଣୀ ନିଜେ ଲେଖି ପାରିବେନି। ମୋର ଆତ୍ମଜୀବନୀ ମୋ ଜୀବନର କାହାଣୀ। ଏହା କେବଳ ମୋ'ରି କଥା, ଯେଉଁ ପର୍ଯ୍ୟନ୍ତ ମୋ ଜୀବନ ଅନ୍ୟର ଜୀବନକୁ ସ୍ପର୍ଶ କରୁଛି, ସେ ପର୍ଯ୍ୟନ୍ତ ଏହା ମଧ୍ୟ ଅନ୍ୟର କଥା। ଯେ ପର୍ଯ୍ୟନ୍ତ ମୋର ଜୀବନ,  ମୋ ସମୟ, ସମାଜ ବା ଗୋଷ୍ଠୀର ପ୍ରତିନିଧିତ୍ୱ କରୁଛି, ସେପର୍ଯ୍ୟନ୍ତ ଏହା ସମସ୍ତଙ୍କର କଥା। ପ୍ରତ୍ୟେକ ବ୍ୟକ୍ତିର ଜୀବନକଥା ଗୋଟିଏ କାହାଣୀ ହୋଇପାରିବ।

ଆପଣ ହାତରେ କଲମ ଧରନ୍ତୁ ଆଉ କାଗଜରେ କିଛି ଲେଖିବାରେ ଲାଗିଯା'ନ୍ତୁ। ଆପଣ ନିଜ ଜୀବନରୁ ଆରମ୍ଭ କରିବା ସବୁଠୁଁ ଭଲ ହେବ। ନିଜ ସମ୍ପର୍କରେ ଶୈଶବରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ଯାହା ଘଟିଛି, ସେସବୁ ଲେଖନ୍ତୁ। ଏହାହିଁ ଆତ୍ମଜୀବନୀ। ଆତ୍ମଜୀବନୀର ପ୍ରଥମ ସର୍ତ୍ତ ହେଉଛି ସ୍ପଷ୍ଟଭାବେ ସତ ସତ କହିବା।

ଏଥିପାଇଁ ମଧ୍ୟ ଅଭ୍ୟାସ ଆବଶ୍ୟକ। ନୈତିକ ସାହସ ଆବଶ୍ୟକ। ଯଦି ଆତ୍ମଜୀବନୀ ସମ୍ପୂର୍ଣ୍ଣରୂପେ ଲେଖି ନହୁଏ, ତାହଲେ ଡ଼ାଏରୀ ଲେଖାଯାଇପାରେ। ଦୀର୍ଘ ଦିନ ଓ ବର୍ଷର ଡ଼ାଏରୀ ଆତ୍ମଜୀବନୀ ହୋଇଥାଏ।

**5.** ନିମ୍ନଲିଖିତ ପରିଚ୍ଛେଦକୁ ଓଡ଼ିଆରେ ଅନୁବାଦ କର : 20

Socrates was one of the celebrated Greek thinkers who became very influential in the development of Greek philosophy in particular and Western philosophy in general.

Socrates tried to bring radical changes in the society. But his attempts in the social field were not accepted and appreciated by the authorities. But convinced of his principles Socrates continued his efforts. The authorities considered him as a threat to their existence and as a result he was arrested and sent to prison. Later, he was given capital punishment because he was frank and outspoken. When he received the news of the death penalty he was not at all shaken.

It confused all the officials and even Socrates' own disciples because they had never seen a person accepting the news of his death penalty with a smiling face. When asked why so, he replied, "I have been preparing for death all my life. I have never done anything wrong to any man. That is why I am able to accept even death with a smiling face."

In his use of critical reasoning, by his unwavering commitment to truth and through the vivid example of his own life, Socrates set the standard for all subsequent Western philosophy.



Download FREE UPSC E-BOOKS FREE! CLICK HERE

Get Printed Study Notes for UPSC Exam - https://iasexamportal.com/notes

**6.** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 40

*(a)* ବ୍ୟାସବାକ୍ୟ ସହ ସମାସର ନାମ ଲେଖ : 2×4=8

*(i)* ଗୋଠଖଣ୍ଡିଆ

*(ii)* ଅନଭିଜ୍ଞ

*(iii)* ପାଦପଦ୍ମ

*(iv)* ଦଶାନନ

*(b)* ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 2×4=8

*(i)* କଣ୍ଠାଗଲା

*(ii)* ହାତଟେକା

*(iii)* ଘର ପୋଡ଼ି ବେଳେ କୂଅ ଖୋଳା

*(iv)* ଅକାଳ କୁଷ୍ମାଣ୍ଡ

*(c)* ସନ୍ଧି ବିଚ୍ଛେଦ କର : 2×4=8

*(i)* ଉଚ୍ଚାରଣ

*(ii)* ଦିଗ୍‌ଗଜ

*(iii)* ସ୍ୱାଗତ

*(iv)* ସଂସ୍କୃତି

*(d)* ଭ୍ରମ ସଂଶୋଧନ କର : 2×4=8

*(i)* ତୀର୍ଯ୍ୟକ

*(ii)* ତୃଟୀ

*(iii)* ସାମଗ୍ରୀକ

*(iv)* ମରିଚିକା

*(e)* ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷଣ ପଦକୁ ଚିହ୍ନାଇ ଦିଅ : 2×4=8

*(i)* ଗୁଲୁଗୁଲିଆ ଛୁଆଟିଏ ଦେଖିଲି ।

*(ii)* ସ୍ପଷ୍ଟବାଦୀ ଲୋକଙ୍କର ବନ୍ଧୁ ନଥାନ୍ତି ।

*(iii)* ଦୋକାନୀ ଚଢ଼ା ଦରରେ ବିକୁଛି ।

*(iv)* କର୍ମଠ ଲୋକେ ସଫଳତା ପାଇଥାନ୍ତି ।

★ ★ ★



Download FREE UPSC E-BOOKS FREE! CLICK HERE

Get Printed Study Notes for UPSC Exam - https://iasexamportal.com/notes

Download FREE UPSC E-BOOKS FREE! CLICK HERE